# ODM PUBLIC SCHOOL

DATE :
SESSION :1
CLASS : v
SUBJECT : (ଓଡିଆ)
CHAPTER NUMBER:02
CHAPTER NAME : ଉପଯୁକ୍ତ ବେଶ ପକାଇ ଆସ
SUBTOPIC :ଉପକ୍ରମ ,ପଠନକ୍ରିୟା ,ଲେଖକ ପରିଚୟ

# ଉପଯୁକ୍ତ ବେଶ ପକାଇ ଆସ

Edit with WPS Office

ODM EDUCATIONAL GROUP
Changing your Tomorrow

# ଲେଖକ ପରିଚୟ

ଶ୍ରୀ ମନୋଜ ଦାସ ଓଡିଆ ଭାଷା ସାହିତ୍ୟ ଜଗତରେ ଏକ ଅମ୍ଲାନ ପ୍ରତିଭା । ସେ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡ଼େମୀ ,ପଦ୍ମଶ୍ରୀ ,ପଦ୍ମବିଭୂଷଣ ,ଭଳି ବହୁ ପୁରସ୍କାରପ୍ରାପ୍ତ ମନୋଜ ଦାସ ସମଗ୍ର ବିଶ୍ୱରେ ଖ୍ୟାତି ଲାଭ କରିଛନ୍ତି ।ଲେଖକଙ୍କ ରଚିତ ଆରଣ୍ୟକ, ଦୂରଦୂରାନ୍ତର, ଲକ୍ଷ୍ମୀର ଅଭିସାର , ଅମୃତ ଫଳ ,ଉପକଥା ଶତକ ,ବିଷକନ୍ୟାର କାହାଣୀ, ସମୁଦ୍ରର କ୍ଷୁଧା ଭଳି ବହୁ ପୁସ୍ତକ ଓଡିଆ ଭାଷା ସାହିତ୍ୟ ଭଣ୍ଡାର କୁ କରିଛି ସରସ ,ସୁନ୍ଦର ମଧୁମୟ ଓ ସୁଧାମୟ। ଲେଖକ ମନୋଜ ଦାସ ମାତ୍ର କିଛି ଦିନ ପୂର୍ବରୁ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି ।

Edit with WPS Office

ଗୋଟିଏ ରାଜ୍ୟ ଜୟ କଲେ ରାଜା ତାଙ୍କ ପୋଷାକରେ ଖଣ୍ଡିଏ ନୂଆ ହୀରା ଲଗାନ୍ତି । ରାଜ୍ୟ ପରେ ରାଜ୍ୟ, ଚାରି ଛଅ ରାଜ୍ୟ ଜୟ କରି, ପଗଡ଼ି ଓ ପରିଧେୟରେ ଚାରି ଛଅ ଚେକା ହୀରା ଝଲସାଇ ରାଜା ନିଜ ନଅରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ ।

ଡେରା ପଡିଥିଲା ଗୋଟିଏ ପର୍ବତର ପାଦ ଦେଶରେ । ଦୁଇ-ରାଜ୍ୟ ମଝିରେ ଏଇଟା ଗୋଟାଏ ଜନ ହୀନ ପ୍ରାୟ ବଣ ମୁଲକ ।

ସୈନ୍ୟବାହିନୀ ଶୋଇ ପଡ଼ିଥିଲେ । ରାଜା ତାଙ୍କ ଶିବିର ବାହାରେ ନିଶାର୍ଦ୍ଧରେ ପଦଚାରଣା କରୁଥିଲେ । ହଠାତ୍ ସମ୍ମୁଖବର୍ତ୍ତୀ ପର୍ବତ ଉପରେ ଏକ ଅଦ୍ଭୁତ ନୀଳାଭ ଆଲୋକ ତାଙ୍କର ଦୃଷ୍ଟିଗୋଚର ହେଲା । ତାଙ୍କ ହୃଦୟ ବିସ୍ମୟ, ଚମକ ଏବଂ ଆନନ୍ଦରେ ଭରିଗଲା । ସେ ଆଲୋକ ଯେ ଅସାଧାରଣ, ସେଥିରେ ସନ୍ଦେହର ଅବକାଶ ନ ଥିଲା ।

ODM EDUCATIONAL GROUP Changing your Tomorrow
Edit with WPS Office

ବିସ୍ମିତ ରାଜା ମନ୍ତ୍ରୀଙ୍କୁ ନିଦରୁ ଉଠାଇଲେ ଓ ସେ ଆଲୋକ ଦେଖାଇଲେ । ମନ୍ତ୍ରୀ ଅତି ସ୍ୱାଭାବିକ ଭାବରେ କହିଲେ " ମହାରାଜ, ମୁଁ ସନ୍ଧ୍ୟାବେଳେ ଆଖପାଖ ଲୋକଙ୍କଠୁଁ ଶୁଣିଥିଲି କି ସେ ପର୍ବତ ଉପରେ ଜଣେ ସନ୍ନ୍ୟାସୀ ରହନ୍ତି । ଶୀତ ରାତି । ସେ ନିଆଁ ଜାଳିଛନ୍ତି!"

" ମନ୍ତ୍ରୀ! ତୁମକୁ ସେ ଆଲୋକ କିପରି ଲାଗୁଛି ?"

ରାଜାଙ୍କ ପ୍ରଶ୍ନରେ ବିସ୍ମିତ ହୋଇ ମନ୍ତ୍ରୀ କହିଲେ, " ମଣିମା ! ଶୁଖିଲା କାଠ ପତ୍ର ଜାଳିଲେ ନିଆଁ ଯେପରି ହେବା କଥା, ଏହା ସେହିପରି !" " ଆଛା , ଶୋଇବ ଯାଅ ।" କହିଲେ ରାଜା । ସେ ବୁଝିଲେ ଯେ ଆଲୋକର ଯେଉଁ ବିଶେଷତ୍ୱ ସେ ଦେଖୁଛନ୍ତି, ମନ୍ତ୍ରୀ ତାହା ଦେଖିପାରୁ ନାହାନ୍ତି ।

Edit with WPS Office

ODM EDUCATIONAL GROUP
Changing your Tomorrow

ପ୍ରଭାତ ହେଲା । ରାଜା ସନ୍ନ୍ୟାସୀଙ୍କୁ ଭେଟିବାର ଅନୁମତି ପ୍ରାର୍ଥନା କରି ଦୂତ ପଠାଇଲେ । ଦୂତ ଫେରିଆସି କହିଲେ, ସନ୍ନ୍ୟାସୀ କହୁଛନ୍ତି କି, ତାଙ୍କୁ ଭେଟିବାକୁ ହେଲେ ରାଜା ଉପଯୁକ୍ତ
ବେଶ ପକାଇ ଯିବା ଦରକାର ।"


"ଅବଶ୍ୟ !" କହି ରାଜା ତାଙ୍କର ରତ୍ନଖଚିତ ପୋଷାକ ଓ ପଗଡି ଲଗାଇ ବାହାରି ପଡିଲେ । ସେ ପର୍ବତ ଅଧା ଚଢିବା ବେଳକୁ ସନ୍ନ୍ୟାସୀଙ୍କର ଜଣେ ଚେଲା ଆସି କହିଲେ, " ଗୁରୁଦେବ
ମଣିମାଙ୍କୁ ଦୂରରୁ ଦେଖୁଛନ୍ତି । ସେ କହିଲେ କି ଆପଣ ଉପଯୁକ୍ତ ବେଶ ପକାଇ ଆସିବା ଦରକାର ।"

ରାଜା ନୀରବରେ ଶିବିରକୁ ଆସି ରତ୍ନ ପୋଷାକ ଉତାରି , ଜଣେ ସାଧାରଣ ନାଗରିକର ପୋଷାକ ପିନ୍ଧିଲେ ଓ ନିଜକୁ ନିଜେ କହିଲେ , " ବାସ୍ତବିକ୍ ରାଜ-ପୋଷାକରେ ସନ୍ନ୍ୟାସୀଙ୍କ ପାଖକୁ ଯିବାକୁ ବାହାରିବାଟା ବୋକାମି ଛଡ଼ା ଆଉ କ'ଣ !"

ଛଡ଼ା ଆଉ କ'ଣ !"

ସେ ପର୍ବତ ଚଢ଼ିବାକୁ ଆରମ୍ଭ କରନ୍ତେ ପୁଣି ଜଣେ ଚେଲା ଆସି କହିଲା, "ମହାରାଜ ! ଗୁରୁଦେବ କହୁଛନ୍ତି କି, ଆପଣ ଉପଯୁକ୍ତ ବେଶରେ ଆସନ୍ତୁ ।"

ରାଜା ଅଗତ୍ୟା ତମ୍ବୁକୁ ଫେରିଲେ ଓ ଏଥର ଗେରୁଆ ଲୁଗାପଟା ଯୋଗାଡ଼ କରି ପିନ୍ଧି, ପୁଣି ପର୍ବତ ଚଢ଼ିବାକୁ ଆରମ୍ଭ କଲେ ।



"ମହାରାଜ ! ଗୁରୁଦେବ କହିଲେ କି ଆପଣ ଉପଯୁକ୍ତ ବେଶ ପକାଇ ଆସନ୍ତୁ," ତୃତୀୟ ଚେଲାଟାଏ ତାଙ୍କୁ ଆସି କହିଲା ।

ରାଜା କାନ୍ଦ କାନ୍ଦ ଦେଖାଗଲେ । ମନ୍ତ୍ରୀ ତାଙ୍କ କାନରେ କହିଲେ, "ମହାରାଜ ! ସେ ଉଦ୍ଧତ ସାଧୁକୁ ଏହିକ୍ଷଣି ଧରି ଆଣି ଆପଣଙ୍କ ଆଗରେ ହାଜର କରିଦେବି !"

ରାଜା ଧୀର କଣ୍ଠରେ କହିଲେ, "ମନ୍ତ୍ରୀ ! କେତେ ରାଜା ମହାରାଜାଙ୍କୁ ବନ୍ଦୀ କରି ତ ମୋ ଆଗରେ ତମେ ଓ ସେନାପତି ହାଜର କରିଛ । ଜଣେ ନିରସ୍ତ୍ର, ନିର୍ବାକ୍ ସାଧୁଙ୍କୁ ଧରି ଆଣିବାରେ ବାହାଦୁରି କ'ଣ ?"

Edit with WPS Office

ODM EDUCATIONAL GROUP
Changing your Tomorrow

ଶିବିର ଭିତରେ ଏକାକୀ ରାଜା ଅଶ୍ରୁରୋଧ କରିପାରିଲେ ନାହିଁ । ବାସ୍ତବିକ୍, ଆଜିଯାଏ ସେ ନିଜକୁ କେଡ଼େ ପ୍ରଭାବଶାଳୀ, କ୍ଷମତାଶାଳୀ ମନେ କରି ଆସିଥିଲେ । ଇଏ ହେଲା କ'ଣ ? ବେଶ ବୋଇଲେ ସାଧୁ କ'ଣ ବୁଝାଉଛନ୍ତି ? ଯୋଗ୍ୟତା ? ବାସ୍ତବିକ୍, ସେ କ'ଣ ଜଣେ ସାଧୁଙ୍କୁ ଭେଟିବାକୁ ଯୋଗ୍ୟ ? ସେ ଏ ପ୍ରଶ୍ନ ଉପରେ ଯେତିକି ଚିନ୍ତା କଲେ, ସେତିକି ବିମର୍ଷ ବୋଧ କଲେ । ଅର୍ଥାତ୍ ଜୀବନରେ ସେ ଯେତେ ବିଜୟ ପ୍ରାପ୍ତି କରିଛନ୍ତି, ଯେତେ ମୁଣ୍ଡ କାଟ କରି ତଳେ ଲୋଟାଇ ଦେଇଛନ୍ତି, ସେ ସବୁ ତାଙ୍କୁ ଅନ୍ୟମାନଙ୍କ ଆଖିରେ ବିରାଟ କରି ଥାଇପାରେ, କିନ୍ତୁ ସାଧୁଙ୍କ ଆଖିରେ ସେ ଅଯୋଗ୍ୟ !

"ପୁଅ ! ଏ ବେଶରେ ତମେ କେଡ଼େ ସୁନ୍ଦର ଦିଶୁଛ ।"

ଏ ଅପୂର୍ବ କଣ୍ଠସ୍ୱର ରାଜାଙ୍କୁ ଚମକାଇ ଦେଲା । ସେ ଅନାଇବା ବେଳକୁ ତାଙ୍କ ଆଗରେ ଉଭା ସ୍ୱୟଂ ସନ୍ନ୍ୟାସୀ ।

ରାଜା ତାଙ୍କ ପାଦରେ ଲୋଟିଗଲେ । ସନ୍ନ୍ୟାସୀ ତାଙ୍କୁ ଉଠାଇ କୁଣ୍ଢାଇ ପକାଇ କହିଲେ "ହୃଦୟରେ ଏହିଭଳି ନମ୍ରତା ବୋଧଠୁଁ ବଳି ସୁନ୍ଦର ସାଜ ଆଉ କିଛି ନାହିଁ" ।

"ମହାଭାଗ ! ମୁଁ କେଡ଼େ ମୂର୍ଖ ଥିଲି ! ରାଜ୍ୟ ପରେ ରାଜ୍ୟ ଜୟ କରି ନିଜକୁ ଗୌରବାନ୍ୱିତ ବୋଧ କରୁଥିଲି ।" ରାଜା ମୃଦୁକଣ୍ଠରେ କହିଲେ ।

"ହଁ ବତ୍ସ ! ସେ ଗୌରବବୋଧ ଅଜ୍ଞାନପ୍ରସୂତ । ଆଜି ତମେ ଜ୍ଞାନର ଉଷାଲୋକରେ ଉପନୀତ ।" ସନ୍ନ୍ୟାସୀ ରାଜାଙ୍କୁ ଆଶୀର୍ବାଦକରି ବୁଲିପଡ଼ି ଚାଲିଗଲେ ।

Edit with WPS Office

# LEARNING OUTCOME:

କମା ,ପୂର୍ଣ୍ଣଚ୍ଛେଦ ,ପ୍ରତି ଧ୍ୟାନ ଦେଇ ପଠନ ଅଭ୍ୟାସ ।

Edit with WPS Office

# THANKING YOU

# ODM EDUCATIONAL GROUP

Edit with WPS Office